# ବିଜେପିର ହସ୍ତକ୍ଷେପ କାରଣରୁ ଚାଷୀ ପାଇବେ ବକେୟା ଫସଲ ବୀମା ରାଶି

- **ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିବଦ୍ଧତା ପାଇଁ ଧନ୍ୟବାଦ ଜଣାଇଲା କୃଷକ ମୋର୍ଚ୍ଚା**
- **ଆଗାମୀ ୨୦-୨୫ ଦିନ ଭିତରେ ବକେୟା ରାଶି ପ୍ରଦାନ କରିବାକୁ ବୀମା କଂପାନୀଗୁଡିକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ତା.୩୧/୭ :** ଗତ ୨୦୧୭-୧୮ ଆର୍ଥିକ ବର୍ଷର ଉଭୟ ଖରିଫ ଏବଂ ରବି ଫସଲ ପାଇଁ ଓଡିଶାର କୃଷକମାନେ ସେମାନଙ୍କ ଫସଲକୁ ବୀମାଭୁକ୍ତ କରିଥିଲେ । ମରୁଡି, ଅଦିନିଆ ବର୍ଷା ଏବଂ ରୋଗ ପୋକ ଦାଉରୁ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିଲା । ଏହି କାରଣରୁ ଚାଷୀକୁଳ ହତାସ ହୋଇପଡିବା ସହ ତାଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଥିଲା । ବର୍ତମାନ ୨୦୧୮-୧୯ ଆର୍ଥିକ ବର୍ଷର ଅଧା ସରିବାକୁ ବସିବା ସହ ଚାଷ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି । ମାତ୍ର କ୍ଷତିଗ୍ରସ୍ତ କୃଷକମାନେ କ୍ଷତିଗ୍ରସ୍ତ ଫସଲ ପାଇଁ ବର୍ତମାନ ସୁଦ୍ଧା କୌଣସି ବୀମା ସହାୟତା ପାଇପାରିଲେ ନାହିଁ । ରାଜ୍ୟରେ କେବଳ ମିଛ ବାହାସ୍କୋଟ ମାରୁଥିବା ଶାସକ ବିଜେଡି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହି କୃଷକମାନଙ୍କ ଅସହାୟତା ଏବଂ ଦୁଃଖ ଦୁର୍ଦ୍ଦଶାକୁ ଅଣଦେଖା କରି କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦି ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅପାରଗତାର ପରିଚୟ । କୃଷି ବୀମା ରାଶି ପ୍ରଦାନ ନେଇ ରାଜ୍ୟର ଚାଷୀ ସମାଜ ଓ ବିଭିନ୍ନ ଚାଷୀ ସଂଗଠନର ବନ୍ଧୁମାନେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ । ରାଜ୍ୟର ଅଗଣିତ କୃଷକ ସମାଜର ଦୁଃଖ ଓ କଷ୍ଟକୁ ଉପଲବ୍ଧି କରି ଗତ କାଲି ଦୁଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରୀ ଜୁଏଲ ଓରାମ ଦିଲ୍ଲୀଠାରେ କୃଷି ଓ କୃଷକ କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ, ଫାଇନାନ୍ସିଆଲ ସର୍ଭିସେସ ବିଭାଗର ଅଧିକାରୀ ତଥା ବିଭିନ୍ନ ବୀମା କଂପାନୀର ପ୍ରତିନିଧିମାନଙ୍କ ଉପସ୍ଥିତିରେ କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀ ପିୟୁଷ ଗୋଏଲଙ୍କୁ ସାକ୍ଷାତ କରି କୃଷି ବୀମା ତୁରନ୍ତ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ ଜଣାଇଥିଲେ । ତ୍ୱରିତ ପଦକ୍ଷେପ ସ୍ୱରୁପ କେନ୍ଦ୍ର ଅର୍ଥମନ୍ତ୍ରୀ ଅଧିକାରୀମାନଙ୍କ ସହ ଆଲୋଚନା କରି ବୀମା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଦିନେ ଦୁଇ ଦିନ ମଧ୍ୟରେ ବୀମା ରାଶି ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇ ଆଗାମୀ ୨୦-୨୫ ଦିନ ମଧ୍ୟରେ କ୍ଷତିଗ୍ରସ୍ତ କୃଷକମାନେ ବୀମା ରାଶି ପାଇବେ ବୋଲି ଏହି ବୈଠକ ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ସୁରଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟର କୃଷକ ସମାଜର ବୃହତ ସ୍ୱାର୍ଥ ପ୍ରତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ଶ୍ରୀ ଓରାମଙ୍କ ଦୃଢ ପ୍ରତିବଦ୍ଧତା ପାଇଁ କୃଷକ ମୋର୍ଚ୍ଚା ଉଭୟଙ୍କୁ ଧନ୍ୟବାଦ ଜଣାଇଛି ବୋଲି ଏହି ବୈଠକ ପରେ କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପ ସଭାପତି ଶ୍ରୀ ମହେଶ୍ୱର ସାହୁ ସୁଚନା ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ, ରାଜ୍ୟ ଉପ ସଭାପତି ହୃଷିକେଶ ଜେନା, ସଂପାଦକ ଶ୍ରୀରଂଜନ ମଙ୍ଗରାଜ, ରବି ନାରାୟଣ ମହାପାତ୍ର, ଦିଲୀପ ସ୍ୱାଇଁ, ପ୍ରତାପ ମିଶ୍ର, କାଳୁ ଖଣ୍ଡାୟତରାୟ, ଅଶୋକ ମହାନ୍ତି, ଶଙ୍କର୍ଷଣ ଜେନା, ସଂଜୀବ ରଣା, ଅଶୋକ ସେଠୀ, ବିଶ୍ୱଜିତ ସ୍ୱାଇଁ, ରାମନାରାୟଣ ମହାନ୍ତି, ସଂଗ୍ରାମ କେଶରୀ ନାୟକ ଓ ଅଜୟ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**